ଜମ୍ମୁ ଏବଂ କାଶ୍ମୀର ରାଜ୍ୟ

ବନାମ

ଘୁଲାମ୍ ମହମ୍ମଦ ଦର୍ ଏବଂ ଅନ୍ୟଜଣେ

20 ନଭେମ୍ବର, 2003

[ମୁଖ୍ୟ ନ୍ୟାୟାଧୀଶ ଭି.ଏନ୍. ଖାରେ ଏବଂ ନ୍ୟାୟମୂର୍ତ୍ତି ଏସ୍.ବି. ସିହ୍ନା]

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226 -ଚୁକ୍ତିଭିତ୍ତିକ ବିବାଦ କ୍ଷେତ୍ରରେ କ୍ଷେତ୍ରାଧିକାର ପ୍ରୟୋଗ -ଠିକାଦାର ଏବଂ ସରକାରଙ୍କ ମଧ୍ୟରେ କାର୍ଯ୍ୟ ଚୁକ୍ତି - ମଧ୍ୟସ୍ଥତା ଖଣ୍ଡ ଥିବା ରାଜିନାମା - ତଥାପି, ବୃଦ୍ଧି ଶୁଳ୍କ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ନ୍ୟାୟାଳୟରେ ଠିକାଦାରଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ଅନୁମୋଦିତ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିବେଚନା କରାଯାଇନଥିବା ଗ୍ରହଣଯୋଗ୍ୟତା ସମ୍ବନ୍ଧୀୟ ଆପତ୍ତି - ନିର୍ଣ୍ଣୟ ହେଲା, ଏହା ସ୍ଥିରୀକୃତ ଯେ ଏକ ଚୁକ୍ତିନାମା କିମ୍ବା ଚୁକ୍ତିର ସର୍ତ୍ତାବଳୀର ସର୍ତ୍ତ କାର୍ଯ୍ୟକାରୀ କରିବା ପାଇଁ ପରମ ଆଦେଶ ପ୍ରକୃତିର ଆଜ୍ଞାଦେଶ ସାଧାରଣତଃ ଜାରି କରାଯିବ ନାହିଁ ଏବଂ ଉଚ୍ଚ ନ୍ୟାୟାଳୟ ତଥ୍ୟର ବିବାଦୀୟ ପ୍ରଶ୍ନ ସହିତ ଜଡିତ ଏକ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରିବେ ନାହିଁ - ଉଚ୍ଚ ନ୍ୟାୟାଳୟର ରାୟକୁ ବାତିଲ କରିଦିଆଯାଇଛି - ପକ୍ଷଙ୍କ ଅନୁରୋଧରେ ମଧ୍ୟସ୍ଥ ନିଯୁକ୍ତ ହେଲେ - ମଧ୍ୟସ୍ଥତା I*

ଦେୱାନୀ ଅପିଲିୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2712/1999 I

ଏଲ. ପି. ଏ. (ଓଡବ୍ଲ୍ୟୁପି) ସଂଖ୍ୟା 239/1998ରେ ଜାମ୍ମୁ କାଶ୍ମୀର ଉଚ୍ଚ ନ୍ୟାୟାଳୟର 14.10.98 ତାରିଖର ରାୟ ଏବଂ ଆଦେଶରୁ I

ଆବେଦନକାରୀ ପାଇଁ ଆନିସ ସୋହରାୱାର୍ଦୀ I

ଉତ୍ତରଦାତା ସଂଖ୍ୟା 1 ପାଇଁ ପି.ଏଚ. ପାରେଖ, ସମୀର ପାରେଖ ଏବଂ ସାନନ୍ଦ ରାମକୃଷ୍ଣନ I

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ::

ଏଠାରେ ଆବେଦନକାରୀ ରଂଜନରଶ୍ମି ବିକିରଣ ଦ୍ୱାରା ଚିକିତ୍ସା, ଶବଗୃହ ଶ୍ରମିକ ସୁବିଧା, ପମ୍ପ ହାଉସ ଏବଂ ଜଗୁଆଳୀ ପ୍ରକୋଷ୍ଠ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରି ଏକ ବିଜ୍ଞାପନ ଜାରି କରିଥିଲେ । ଏଠାରେ ଉତ୍ତରଦାତା ସଂଖ୍ୟା 1 ଉକ୍ତ ବିଜ୍ଞାପନ ଉପରେ ଜବାବ ବ୍ୟକ୍ତ କରିଥିଲେ ଏବଂ ତାଙ୍କ ଟେଣ୍ଡର ଦାଖଲ କରିଥିଲେ, ଯାହା ଏଠାରେ ଆବେଦନକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା । 14.12.79 ରେ ପକ୍ଷମାନଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମାରେ ଏକ ମଧ୍ୟସ୍ଥତା ଖଣ୍ଡ ରହିଥିଲା । ଏହା ପ୍ରତୀୟମାନ ହୁଏ ଯେ ଉତ୍ତରଦାତା ନଭେମ୍ବର, 1983 ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାରେ ସକ୍ଷମ ହୋଇଥିଲେ । ଏଭଳି ପରିସ୍ଥିତିରେ ସେ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ମୂଳ ରାଜିନାମା ଅନୁଯାୟୀ ବୃଦ୍ଧି କରାଯିବାକୁ ଥିବା କେତେକ ତାଲିକାଭୁକ୍ତ ଦ୍ରବ୍ୟ ସମ୍ବନ୍ଧରେ 42 ପ୍ରତିଶତ ବୃଦ୍ଧି ପ୍ରଦାନ କରାଯାଇନାହିଁ । ତେବେ, ମୁଖ୍ୟ ଯନ୍ତ୍ରୀ ଉତ୍ତରଦାତାଙ୍କୁ ସୂଚନା ଦେଇଥିଲେ ଯେ ସ୍ଥାୟୀ ଅର୍ଥ କମିଟିର ନିର୍ଣ୍ଣୟ ଅନୁଯାୟୀ ସମସ୍ତ ତାଲିକାଭୁକ୍ତ ଦ୍ରବ୍ୟ ପାଇଁ ବୃଦ୍ଧି ପ୍ରଯୁଜ୍ୟ ଥିଲା । ଅନୁପୂରକ ଚୁକ୍ତିନାମା ଅନୁଯାୟୀ ଅନୁମୋଦିତ ଏବଂ ମୁଖ୍ୟ ଯନ୍ତ୍ରୀଙ୍କ 5.5.1986 ର ଚିଠି ଦ୍ୱାରା ନିଶ୍ଚିତ କରାଯାଇଥିବା 42 ପ୍ରତିଶତ ବୃଦ୍ଧି ହାର ପ୍ରଦାନ କରିବା ପାଇଁ ପରମାଦେଶ ଅନୁରୋଧ କରି ଉତ୍ତରଦାତା 4.4.1991 ରେ ଜାମ୍ମୁ କାଶ୍ମୀର ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲେ ।

ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ ଏବଂ ଆଜ୍ଞାଦେଶ ଆବେଦନରେ କରାଯାଇଥିବା ଅନୁରୋଧ ଅନୁଯାୟୀ ଏକ ନିର୍ଦ୍ଦେଶ ଜାରି କରିଥିଲେ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଲେଟର୍ସ ପେଟେଣ୍ଟ ଆବେଦନକୁ ଖାରଜ କରାଯାଇଥିଲା । ଏହା ସେହି ରାୟ ଯାହା ବିରୁଦ୍ଧରେ, ଆବେଦନକାରୀ ଆମ ସମ୍ମୁଖରେ ଅପିଲରେ ଆସିଛନ୍ତି ।

ଏହା ବିବାଦୀୟ ନୁହେଁ ଯେ ପକ୍ଷମାନଙ୍କ ଦ୍ୱାରା ଏବଂ ସେମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାରେ ଏକ ମଧ୍ୟସ୍ଥତା ଚୁକ୍ତି ରହିଛି । ଅଧିକନ୍ତୁ, ଏଠାରେ ଉତ୍ତରଦାତା ଏକ ଚୁକ୍ତିନାମା କାର୍ଯ୍ୟକାରୀ କରିବା ପାଇଁ ଉପରୋକ୍ତ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଯଦିଓ ଏଠାରେ ଆବେଦନକାରୀଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନର ଗ୍ରହଣଯୋଗ୍ୟତା ସମ୍ବନ୍ଧରେ ଏକ ଆପତ୍ତି ଗ୍ରହଣ କରାଯାଇଛି, ଦୁର୍ଭାଗ୍ୟବଶତଃ ଏହାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇ ନାହିଁ । ଏହା

ସ୍ଥିରୀକୃତ ଯେ ଚୁକ୍ତିନାମା କିମ୍ବା ଚୁକ୍ତିର ନିୟମ ନିବନ୍ଧନ ଓ ସର୍ତ୍ତାବଳୀ କାର୍ଯ୍ୟକାରୀ କରିବା ପାଇଁ ପରମାଦେଶ କିମ୍ବା ପରମାଦେଶ ପ୍ରକୃତିର ଆଜ୍ଞାଦେଶ ସାଧାରଣତଃ ଜାରି କରାଯିବ ନାହିଁ । ଯେତେବେଳେ ସାର୍ବଜନୀନ ଆଇନ ଚରିତ୍ର ସହିତ ଜଡିତ ଏକ ପ୍ରଶ୍ନ ବିଚାର ପାଇଁ ଉଠେ ସେତେବେଳେ ଏକ ପରମ ଆଜ୍ଞାଦେଶ ଜାରି ହେବ । ଏହା ମଧ୍ୟ ଭଲ ଭାବରେ ସ୍ଥିର ହୋଇଛି ଯେ ଉଚ୍ଚ ନ୍ୟାୟାଳୟ ତଥ୍ୟର ବିବାଦୀୟ ପ୍ରଶ୍ନ ସହିତ ଜଡିତ ଏକ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରିବେ ନାହିଁ । ଆଇନର ଉପରୋକ୍ତ ସୁପ୍ରତିଷ୍ଠିତ ନୀତିକୁ ଧ୍ୟାନରେ ରଖି, ଆକ୍ଷେପିତ ରାୟକୁ ବଜାୟ ରଖାଯାଇପାରିବ ନାହିଁ । ତଦନୁଯାୟୀ ସେଗୁଡ଼ିକୁ ବାତିଲ କରାଯାଇଛି । ଅପିଲକୁ ଅନୁମତି ଦିଆଯାଇଛି । ତଥାପି, ଆମ ସମ୍ମୁଖରେ ହାଜର ହୋଇଥିବା ପକ୍ଷମାନେ ପ୍ରସ୍ତାବ ଦେଇଥିଲେ ଯେ ଏହି ନ୍ୟାୟାଳୟର ଜଣେ ପୂର୍ବତନ ନ୍ୟାୟାମୂର୍ତ୍ତି ଜଷ୍ଟିସ୍ ଆର୍. ପି. ସେଠୀଙ୍କୁ ମଧ୍ୟସ୍ଥତା ଚୁକ୍ତିନାମା ଅନୁଯାୟୀ ଜଣେ ଏକକ ମଧ୍ୟସ୍ଥ ଭାବରେ ନିଯୁକ୍ତ କରାଯାଉ । ସେହି ଅନୁଯାୟୀ, ଆମେ ଜଷ୍ଟିସ୍ ଆର୍. ପି. ସେଠୀଙ୍କୁ ଏକମାତ୍ର ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛୁ । ପକ୍ଷମାନଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ମଧ୍ୟ ଉପସ୍ଥାପନ କରିଥିଲେ ଯେ ବିଦ୍ୱାନ ମଧ୍ୟସ୍ଥଙ୍କ ସମ୍ମୁଖରେ ସୀମାବଦ୍ଧତା ସମ୍ବନ୍ଧରେ କୌଣସି ଆପତ୍ତି ଉଠାଯିବ ନାହିଁ । ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ପକ୍ଷମାନେ ଜଷ୍ଟିସ୍ ଆର୍. ପି. ସେଠୀଙ୍କୁ ଅନୁରୋଧ କରିବାକୁ ସ୍ୱାଧୀନତା ପାଇବେ । ମଧ୍ୟସ୍ଥଙ୍କୁ ଦିଆଯାଉଥିବା ପାରିଶ୍ରମିକ ମଧ୍ୟସ୍ଥ ନିଜେ ସ୍ଥିର କରିବେ । ଆମେ ଏହା ସ୍ପଷ୍ଟ କରିପାରିବା ଯେ ବିଦ୍ୱାନ ମଧ୍ୟସ୍ଥଙ୍କୁ ଦେବାକୁ ଥିବା ଦେୟ ତାଙ୍କ ଦ୍ୱାରା ସ୍ଥିର କରାଯିବ ଏବଂ ଯଦି କୌଣସି ଅଧିନିର୍ଣ୍ଣୟ ଥାଏ, ତାହା ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯିବ ।

ମାମଲାର ଉପରୋକ୍ତ ଦୃଷ୍ଟିକୋଣରେ, ଆମେ ଆପତ୍ତି କରାଯାଇଥିବା ରାୟକୁ ବାତିଲ କରିଛୁ । ଅପିଲକୁ ଅନୁମତି ଦିଆଯାଇଛି ।

ଆର୍. ପି. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।